# ପାର୍ବତୀ ଦେବୀ

ବନାମ

ପୂର୍ଣ୍ଣ  ପାତ୍ର ଏବଂ ଅନ୍ୟମାନେ

ଡିସେମ୍ବର 11,1996

[କେ. ରାମାସ୍ୱାମୀ ଏବଂ ଜି. ଟି. ନାନାବତୀ, ନ୍ୟାୟମୂର୍ତ୍ତି ଦ୍ୱୟ]

*ନ୍ୟାୟାଳୟଙ୍କ ଦ୍ୱାରା ନିଲାମ ବିକ୍ରୟ- ବି ଏକ ଚତୁର୍ଥାଂଶ ଅଂଶ କ୍ରୟ କଲେ  ଏବଂ ଏହାକୁ ଏଚ୍ କୁ  ବିକ୍ରି କଲେ - ଯାହା ପରେ ଏଚ୍  ସେହି ସମ୍ପତ୍ତିକୁ  ଆବେଦନକାରୀଙ୍କୁ ବିକ୍ରି କଲେ - ବିଭାଜନ ପାଇଁ ଆବେଦନକାରୀଙ୍କ ଦ୍ୱାରା ମକଦ୍ଦମା ଦାୟର କରାଗଲା - ବିଚାର କରୁଥିବା ନ୍ୟାୟାଳୟ ମକଦ୍ଦମାକୁ ଆଦେଶ କଲେ ଏବଂ ପୁନର୍ବିଚାର ନ୍ୟାୟାଳୟ ତାହାକୁ ସୁନିଶ୍ଚିତ କଲେ – ଆବେଦନକାରୀ କେତେ ପରିମାଣର ଜମି କିଣିଥିଲେ ତାହା ପ୍ରମାଣ କରିନଥିଲେ ବୋଲି ଏବଂ ନ୍ୟାୟାଳୟଙ୍କ  ବିକ୍ରୟ ଅଧୀନରେ ବିତରଣ କରାଯାଇଥିବା ସମ୍ପତ୍ତିର ଦଖଲ ହେବାର କୌଣସି ପ୍ରମାଣ ନାହିଁ ବୋଲି ଧରି ନେଇ ଉଚ୍ଚ ନ୍ୟାୟାଳୟ ଆଦେଶକୁ ରଦ୍ଦ କଲେ- ସର୍ବୋଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଆବେଦନ - ନିର୍ଣ୍ଣୟ ନିଆଗଲା ନ୍ୟାୟାଳୟଙ୍କ ଦ୍ୱାରା ଜାରି ହୋଇଥିବା  ବିକ୍ରୟ ପ୍ରମାଣପତ୍ର ସ୍ପଷ୍ଟ ଭାବରେ  ବି ଙ୍କ ଦ୍ୱାରା କିଣାଯାଇଥିବା ଜମି ବିବରଣୀକୁ ଦର୍ଶାଇଲା - କିନ୍ତୁ ଯେତେବେଳେ ନ୍ୟାୟାଳୟଙ୍କର ନଥିରେ ଦଖଲ ପ୍ରଦାନର ଲେଖା ଗୁଡିକୁ  ନ୍ୟାୟାଳୟଙ୍କ ଦ୍ୱାରା ଜାରି କରାଯାଇଥିବା ବିକ୍ରୟ ପ୍ରମାଣପତ୍ର ସହିତ ପଢାଯାଏ, ଏହା ସ୍ପଷ୍ଟ ଯେ ବି ଙ୍କୁ ଯାହା ପ୍ରଦାନ କରାଗଲା ତାହା ବିକ୍ରୟ ପ୍ରମାଣପତ୍ରରେ ଉଲ୍ଲିଖିତ ସମ୍ପତ୍ତି ଥିଲା- ଏହା ଦ୍ୱାରା ସେ ସହମାଲିକ ହେଲେ- ଆବେଦନକାରୀ ହିତରେ ଉତ୍ତରାଧିକାରୀ ହୋଇଥିବାରୁ ସେହି ସମାନ ସମ୍ପତ୍ତି କିଣି, ଉତ୍ତରଦାତାମାନଙ୍କ ସହିତ ସହମାଲିକ ହେଲେ- ଏହା ଦ୍ୱାରା ବିଭାଜନ ପାଇଁ ମକଦ୍ଦମା ନିମ୍ନ ନ୍ୟାୟାଳୟଙ୍କ ଦ୍ୱାରା ସଠିକ୍ ଭାବରେ ଡିକ୍ରି ପ୍ରଦାନ କରାଗଲା- ଉଚ୍ଚ ନ୍ୟାୟାଳୟ ଙ୍କ ଦ୍ୱାରା ନିଆଯାଇଥିବା ମତାମତ ସ୍ପଷ୍ଟ ଭାବରେ ବେଆଇନ ।*

ଦେୱାନୀ ଆବେଦନ ଅଧିକାରିତା  :  ଦେୱାନୀ ଆବେଦନ ସଂଖ୍ୟା  3336/1979 ।

1975ର ଏସ୍.ଏ. ସଂଖ୍ୟା 8 ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କର  2.8.78 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ  ପାଇଁ  ଭିନୁ ଭଗତ ।

ଉତ୍ତରଦାତାମାନଙ୍କ ପାଇଁ  ଭି. ଜେ. ଫ୍ରାନ୍ସିସ୍ ।

ନ୍ୟାୟାଳୟଙ୍କର ର ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା :

ପ୍ରତିଷ୍ଠାପନକୁ  ଅନୁମତି ଦିଆଗଲା ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ, ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କର ଦ୍ୱିତୀୟ ଆବେଦନ ସଂଖ୍ୟା  8/75, ତାରିଖ 2.8.1978 ରେ ପ୍ରତ୍ୟାହିତ ରାୟରୁ ଉତ୍ପନ୍ନ ହୁଏ ।   ସ୍ୱୀକୃତ ସ୍ଥିତି ହେଉଛି ଯେ 1937 ର ମକଦ୍ଦମା ସଂଖ୍ୟା 29/23 ରେ କୋର୍ଟ ଅଫ୍ ସ୍ମଲ କଜେସରେ, ଏମ୍. ଏସ୍.ସଂଖ୍ୟା  217/37 ରେ ସମ୍ପାଦନ କରାଗଲା, ତୌଜି ନମ୍ବର 2498 ଥିବା ସମ୍ପତ୍ତିର 1/4 ଭାଗ ଏବଂ 2503/354 କୁ 16.2.1938 ରେ ବିକ୍ରୟ ପାଇଁ ଅଣାଗଲା । ସେହି ଅଦାଲତରେ ଓକିଲାତି କରୁଥିବା ବାବୁ ସୂର୍ଯ୍ୟନାରାୟଣ ନାମକ ଜଣେ ବ୍ୟକ୍ତି ନିଲାମୀ କ୍ରେତା ହୋଇଥିଲେ ।

ନ୍ୟାୟାଳୟଙ୍କ ତରଫରୁ ସେଥିରେ ଏକ ଚତୁର୍ଥାଂଶ ନିର୍ଦ୍ଦିଷ୍ଟ ଅଂଶର ଅଧିକାର ତାଙ୍କ ପାଖରେ ଥିଲା । ପରବର୍ତ୍ତୀ ସମୟରେ, ସେ ସେହି ସମାନ ସମ୍ପତ୍ତିକୁ 1940 ରେ ଏକ ପଞ୍ଜୀକୃତ ବିକ୍ରି ଦଲିଲ ଦ୍ୱାରା ଅନ୍ୟ ଜଣେ ଓକିଲଙ୍କ ଝିଅ ହେମାମଲି ଦେବୀଙ୍କୁ ବିକ୍ରୟ କଲେ । ଏହି ସମ୍ପତ୍ତିକୁ ପୁଣି ହେମାମଲି ଦେବୀ 1950 ମସିହାରେ ଇଏକ୍ସ. 2(A) ଅଧୀନରେ 14.10.1950ରେ ଆବେଦନକାରୀଙ୍କୁ ବିକ୍ରି କଲେ । ଏହାକୁ ଆଧାର କରି ଆବେଦନକାରୀ ବିଭାଜନ ପାଇଁ ମକଦ୍ଦମା ଦାୟର କଲେ । ପ୍ରତିବାଦୀମାନେ ଏହି ମକଦ୍ଦମାରେ ସମ୍ପତ୍ତି ଏବଂ ଅନ୍ୟାନ୍ୟ ସମ୍ପତ୍ତି ଦେଣାଦାରଙ୍କଠାରୁ କିଣିଥିଲେ । ସେମାନେ ବାବୁ ସୂର୍ଯ୍ୟନାରାୟଣଙ୍କ ଦ୍ୱାରା କରାଯାଇଥିବା କ୍ରୟ ଏବଂ ହେମାମଲି ଦେବୀଙ୍କ ସପକ୍ଷରେ ତାଙ୍କର ବିକ୍ରୟ ଏବଂ ଅଧିକନ୍ତୁ ଆବେଦନକାରୀଙ୍କ ସପକ୍ଷରେ ହୋଇଥିବା ବିକ୍ରୟକୁ ଅସ୍ୱୀକାର କଲେ । ତେଣୁ ଏହା ଆବେଦନକାରୀଙ୍କ ସ୍ୱତ୍ୱକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିବାର ଏକ ମାମଲା । ବିଚାର କରୁଥିବା ନ୍ୟାୟାଳୟ ଏହି ମକଦ୍ଦମାରେ ରାୟ ଦେଲେ ଏବଂ ପୁନର୍ବିଚାର କରୁଥିବା ନ୍ୟାୟାଳୟ ଏକ ଅନ୍ତିମ ଆଦେଶ ପାରିତ କରି ଏକ ଚତୁର୍ଥାଂଶ ଭାଗର ବିଭାଜନ ଏବଂ ମାପଚୁପ ଦ୍ୱାରା ସ୍ଥିରୀକୃତ ଦଖଲ ବିତରଣ ପାଇଁ ଏହାକୁ ନିଶ୍ଚିତ କଲେ । ଉଚ୍ଚ ନ୍ୟାୟାଳୟ ଉକ୍ତ ଆଦେଶକୁ ମୁଖ୍ୟତଃ ଦୁଇଟି ଆଧାରରେ ପ୍ରତ୍ୟାହୃତ କଲେ, ଯଥା ନ୍ୟାୟାଳୟଙ୍କ ବିକ୍ରୟ ଅଧୀନରେ ପ୍ରଦାନ କରାଯାଇଥିବା ସମ୍ପତ୍ତିର ଅଧିକାରର କୌଣସି ପ୍ରମାଣ ନାହିଁ, ଏବଂ ଆବେଦନକାରୀ ପ୍ରମାଣ କରିନାହାଁନ୍ତି ଯେ ସେ କେତେ ପରିମାଣର ଜମି କିଣିଥିଲେ । ଏହି ପରିସ୍ଥିତିରେ, ଆବେଦନକାରୀ ଜମିର ବିଭାଜନ ଦ୍ୱାରା ଦଖଲ ଲୋଡିପାରିବେ ନାହିଁ । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତ ସ୍ପଷ୍ଟ ଭାବରେ ବେଆଇନ । ଏହା ଦେଖିବାକୁ ମିଳିଛି ଯେ ନ୍ୟାୟାଳୟଙ୍କ ଦ୍ୱାରା ଜାରି କରାଯାଇଥିବା ବିକ୍ରୟ ପ୍ରମାଣପତ୍ର ନିମ୍ନରେ ଉଲ୍ଲେଖ କରାଯାଇଥିବା ଜମିର ବିବରଣୀକୁ ସ୍ପଷ୍ଟ ଭାବେ ସୂଚିତ କରେ :

"1. ତୌଜି ସଂଖ୍ୟା 2498-ଥାନା ସଂଖ୍ୟା 214, କଟକ ଜିଲ୍ଲାର ମୌଜା ବାହାରବିସିନାବର, ପି. ଏସ୍., ଥାନା ଏବଂ ସବ୍-ରେଜିଷ୍ଟ୍ରାର କଟକ ସଦର, ପିଏଚ୍. ବାଖ୍ରାବାଦ, ଖାତା ସଂଖ୍ୟା 431-ଅଞ୍ଚଳ-ଏସି. 0.19-ଖଜଣା- 0. 12 ଟଙ୍କା, 6.ଏହି ଚାରି ଅଣା ମଧ୍ୟରୁ ପ୍ରତିବାଦୀ-ଋଣଗ୍ରହୀତାଙ୍କ ଅଂଶ ହେଉଛି ଏସି. 0. 04- 7 କଡ଼ି ଖଜଣା 0.3 ଟଙ୍କା 2-1/2 । ଏହି ଜମିକୁ 4 ଟଙ୍କା ମୂଲ୍ୟ ରେ ନିଲାମ କରାଯାଇଛି ।

*ଅନୁସୂଚୀ*

ଖସଡା ସଂଖ୍ୟା 1609.... ଏସି. 0. 19.

ପ୍ରତିବାଦୀ-ଋଣଗ୍ରହୀତାଙ୍କର ଅଂଶ 0.4.0 ଅଣା ଏସି 0. 04 କଡ଼ି 0.07 ।

2. ତୌଜି ସଂଖ୍ୟା 2502/354-କଟକ ଜିଲ୍ଲାର ଥାନା ସଂଖ୍ୟା 214, ପି. ଏସ୍. ଏବଂ ଥାନା ଏବଂ ସବ-ରେଜିଷ୍ଟ୍ରାର କଟକ ସଦର ପିଏଚ୍. ବାଖ୍ରାବାଦ, ମୌଜା ବାହାରବିସିନାବର, ଖାତା ସଂଖ୍ୟା 894 ଅଞ୍ଚଳ ଏସି. 0. 170 ଡିଇସି –ଖଜଣା -0.9 ଟଙ୍କା । 3.ଏଥିରୁ ପ୍ରତିବାଦୀ-ଋଣଗ୍ରହୀତା ଏବଂ ତାଙ୍କ ଭାଇଙ୍କ ଅଂଶ ହେଉଛି ଆଠ ଅଣା (0. 3.0 ଟଙ୍କା) ଅଞ୍ଚଳ ଏସି. 0. 84 ଡିଇସି 10 କଡ଼ି-ଖଜଣା-0.4 ଟଙ୍କା 7-1/ 2 ଯାହା 20 ଟଙ୍କା ମୂଲ୍ୟରେ ନିଲାମ ହୁଏ ।

*ବର୍ଣ୍ଣନା*

ତଫସିଲ ସଂଖ୍ୟା 811 ଏସି 0.170 ଡିସେମ୍ବର ରୁ ଏହି ପ୍ରତିବାଦୀ-ଋଣଗ୍ରହୀତାଙ୍କର ଅଂଶ ହେଉଛି 4 ଅଣା ଏସି 0. 42 ଡିଇସି 5 କଡ଼ି । "

ଏହାକୁ ହେମାମଲି ଦେବୀଙ୍କ ସପକ୍ଷରେ କରାଯାଇଥିବା ବିକ୍ରିରେ ଏବଂ ଇଏକ୍ସ . 2 (ଏ) ଅଧୀନରେ ଆବେଦନକାରୀଙ୍କୁ ପରବର୍ତ୍ତୀ ବିକ୍ରିରେ ସୀମା ବର୍ଣ୍ଣନା ସହିତ ବିକ୍ରୟ କରାଗଲା । ତେଣୁ ଏହା ସ୍ପଷ୍ଟ ଯେ ବାବୁ ସୂର୍ଯ୍ୟନାରାୟଣ ଉପରୋକ୍ତ ବର୍ଣ୍ଣିତ ସମ୍ପତ୍ତିରେ ଏକ ଚତୁର୍ଥାଂଶ ଅଂଶ କ୍ରୟ କରିଥିଲେ । ଏହା ଦ୍ୱାରା ସେ ଅନ୍ୟ 3/4 ଭାଗଧାରୀଙ୍କ ସହ ସହମାଲିକ ହେଲେ ଯାହାଙ୍କ ସମ୍ପତ୍ତି ଉତ୍ତରଦାତାମାନଙ୍କ ଦ୍ୱାରା କିଣାଗଲା । ଦଖଲ କରିବାର କୌଣସି ପ୍ରମାଣ ନାହିଁ ବୋଲି ଧରି ନେବାରେ ଉଚ୍ଚ ନ୍ୟାୟାଳୟ ମଧ୍ୟ ସ୍ପଷ୍ଟ ଭାବରେ ତ୍ରୁଟି କରିଛନ୍ତି । ଯେହେତୁ ଆବେଦନକାରୀ ଦଖଲ ବିତରଣର ପରୱାନା ମଗାଇବାକୁ ଚାହୁଁଥିଲେ, ଯାହା ଉପଲବ୍ଧ ନଥିଲା, ନ୍ୟାୟାଳୟଙ୍କ ନଥିପତ୍ର ମଗାଗଲା ଯେଉଁଥିରେ ଦଖଲ ବିତରଣ ସମ୍ବନ୍ଧୀୟ ଏକ ଲେଖା ଥିଲା । ଏଥିରେ କୌଣସି ସନ୍ଦେହ ନାହିଁ ଯେ ବିତରଣ ହୋଇଥିବା ସମ୍ପତ୍ତିର ବର୍ଣ୍ଣନା ବିତରଣ ପରୱାନାରେ ଉଲ୍ଲେଖ କରାଯାଇ ନଥିଲା । ଯେତେବେଳେ ଦଖଲ ବିତରଣର ନ୍ୟାୟାଳୟଙ୍କ ନଥିରେ ରେ ରଖାଯାଇଥିବା ଲେଖା ନ୍ୟାୟାଳୟଙ୍କ ଦ୍ୱାରା ଜାରି କରାଯାଇଥିବା ବିକ୍ରୟ ପ୍ରମାଣପତ୍ର ସହିତ ପଢାଯାଏ, ଏହା ସ୍ପଷ୍ଟ ହୁଏ ଯେ ଜଣେ ଓକିଲାତି କରୁଥିବା ବାବୁ ସୂର୍ଯ୍ୟନାରାୟଣଙ୍କୁ ଯାହା ବିତରଣ କରାଗଲା, ତାହା ବିକ୍ରୟ ପ୍ରମାଣପତ୍ରରେ ଉଲ୍ଲିଖିତ ସମ୍ପତ୍ତି ଥିଲା । ଏହି ସମ୍ପତ୍ତିକୁ ଭୋଗ ଅଧିକାର ଦିଆଗଲା ଏବଂ ଖଜଣା ଆଦାୟ କରାଗଲା । ଏହା ଦ୍ୱାରା ସେ ସହମାଲିକ ହେଲେ । ଆବେଦନକାରୀ ହିତରେ ଉତ୍ତରାଧିକାରୀ ହୋଇଥିବାରୁ ସେହି ସମାନ ସମ୍ପତ୍ତି କିଣି, ଉତ୍ତରଦାତାମାନଙ୍କ ସହିତ ସହମାଲିକ ହେଲେ । ଏହା ଦ୍ୱାରା ବିଭାଜନ ପାଇଁ ମକଦ୍ଦମାରେ ନିମ୍ନ ନ୍ୟାୟାଳୟଙ୍କ ଦ୍ୱାର ସଠିକ୍ ଭାବରେ ଆଦେଶ ପ୍ରଦାନ କରାଗଲା ।

ତଦନୁସାରେ ଆବେଦନକୁ ଅନୁମତି ଦିଆଯାଏ । ବିଚାର କରୁଥିବା ନ୍ୟାୟାଳୟଙ୍କର ରାୟ ଏବଂ ପୁନର୍ବିଚାର କରୁଥିବା ନ୍ୟାୟାଳୟଙ୍କ ମତକୁ ସୁନିଶ୍ଚିତ କରି, ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବାତିଲ କରାଯାଏ । ଏକ ଅନ୍ତିମ ଆଦେଶ ପାରିତ କରିବା ପାଇଁ ଏକ ଆବେଦନ ଦାଖଲ କରିବା ଆଦେଶକୁ କାର୍ଯ୍ୟକାରୀ କରିବାକୁ ଏବଂ ଆଇନ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନେବାକୁ ପକ୍ଷମାନଙ୍କ ପାଇଁ ଦ୍ୱାର ଖୋଲା ଅଛି । କୌଣସି ଖର୍ଚ୍ଚ ନାହିଁ ।

ଆବେଦନକୁ ଅନୁମତି ଦିଆଗଲା ।


**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"


***ଭାଷାନ୍ତର :***

ତୁଷାର କାନ୍ତ ଗୋଛି,

ଅନୁବାଦକ,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।